# NATIONAL NEWS BULLETIN (ODIA)

**6 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଶକ୍ତିସୁରକ୍ଷା ଓ ଆତ୍ମନିର୍ଭରଶୀଳତା ଦିଗରେ ଭାରତର ଯାତ୍ରାକୁ ଏଚ୍‌ପିସିଏଲ୍‌ର ବର୍ଜ୍ୟ ଉନ୍ନତୀକରଣ ସୁବିଧା ବ୍ୟବସ୍ଥା ଗତିଶୀଳ କରିବ, କହିଲେ ପ୍ରଧାନମନ୍ତ୍ରୀ

- ଓଡ଼ିଆ, କର୍ଣ୍ଣଡ,ତାମିଲ, ତେଲୁଗୁ ଓ ମାଲାୟାଲମ ଶାସ୍ତ୍ରୀୟ ଭାଷା ଲାଗି ୫୫ଟି ସାହିତ୍ୟ କୃତିକୁ ଆଜି ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

- ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାପକୁ ଦୂର କରିବା ପାଇଁ ସିବିଏସ୍‌ଇ ପକ୍ଷରୁ ଆଜିଠାରୁ ଆରମ୍ଭ ହେଲା ସାଇକୋ ସୋସିଆଲ୍ କାଉନ୍‌ସେଲିଂ ସପୋର୍ଟ ବ୍ୟବସ୍ଥା ।

- ପୁଷ୍ଟିକର ଖାଦ୍ୟ ସୁରକ୍ଷା ଏବଂ ଅପପୁଷ୍ଟି ନିବାରଣ ସଂପର୍କିତ ଜାତୀୟ ସମ୍ମିଳନୀକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ କେନ୍ଦ୍ର ସମବାୟ ମନ୍ତ୍ରୀ

ଏବଂ

- ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ହ୍ରାସ,

  –୭୦ରୁ ଊର୍ଦ୍ଧ୍ୱ ଦିଲ୍ଲୀଗାମୀ ଟ୍ରେନ୍ ବିଳମ୍ବିତ

# ପିଏମ୍-ଏଚ୍‌ପିସିଏଲ୍

ଆନ୍ଧ୍ରପ୍ରଦେଶର ବିଶାଖ ରିଫାଇନାରୀରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍-ଏଚ୍‌ପିସିଏଲ୍‌ର ବର୍ଜ୍ୟ ଉନ୍ନତୀକରଣ ସୁବିଧା ବ୍ୟବସ୍ଥାର ସଫଳ କାର୍ଯ୍ୟକ୍ଷମ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁସିବ୍ୟକ୍ତ କରିଛନ୍ତି । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କର ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟକୁ ଶେୟାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅତ୍ୟାଧୁନିକ ସୁବିଧା ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ଯୋଡ଼ି ହୋଇ ଶକ୍ତି ସ୍ୱାଧୀନତା ବୃଦ୍ଧି ପାଇଁ ଦେଶର ପ୍ରୟାସକୁ ଗତିଶୀଳ କରିବ । ଶକ୍ତି ସୁରକ୍ଷା ଏବଂ ଆତ୍ମନିର୍ଭରଶୀଳତା ଦିଗରେ ଭାରତର ଯାତ୍ରାରେ ଏହା ଏକ ନିର୍ଣ୍ଣାୟକ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପେଟ୍ରୋଲିମ୍ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ଶ୍ରୀ ପୁରୀ ଦର୍ଶାଇଛନ୍ତି ଯେ, ସ୍ୱଦେଶୀ ଇଞ୍ଜିନିୟରିଂର ଉପଯୋଗରେ ଏହି ବ୍ୟବସ୍ଥାର ଉନ୍ନତୀକରଣ କରାଯାଇଛି ।

---

# ପ୍ରଧାନ-କ୍ଲାସିକାଲ୍ ଲାଙ୍ଗୁଏଜ୍

ଓଡ଼ିଆ, କର୍ଣ୍ଣଡ,ତାମିଲ, ତେଲୁଗୁ ଓ ମାଲାୟାଲମ ଶାସ୍ତ୍ରୀୟ ଭାଷା ଲାଗି ୫୫ଟି ସାହିତ୍ୟ କୃତିକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଉନ୍ମୋଚନ କରିଛନ୍ତି । ଏହି କୃତିଗୁଡ଼ିକ କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନ ଅଧୀନରେ ବିକଶିତ ହୋଇଛି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଶ୍ରୀ ପ୍ରଧାନ କହିଛନ୍ତି, ଭାରତୀୟ ଭାଷା ଦେଶର ସମାଜକୁ ସଂଯୋଗ କରୁଛି ।

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ଭାରତୀୟ ଭାଷା ଜାତୀୟ ଭାଷା ବୋଲି ଅଭିହିତ କରିଛନ୍ତି । ଗତବର୍ଷ ଦେଶର ୫ଟିରୁ ଅଧିକ ଭାଷାକୁ ସେମାନଙ୍କର ପ୍ରାଚୀନ ମୌଳିକତା ଯୋଗୁଁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା । ସେଗୁଡ଼ିକ ହେଉଛି, ମରାଠି, ତେଲୁଗୁ, ବେଙ୍ଗଲୀ, ଅହମିୟା, ପାଲି ଏବଂ ପ୍ରାକୃତ ।

## ୟୁପି-ଇସିଆଇ

ଭାରତର ନିର୍ବାଚନ ଆୟୋଗ-ଇସିଆଇ ଆଜି ଉତ୍ତରପ୍ରଦେଶ ପାଇଁ ଚିଠା ଭୋଟର ତାଲିକା ପ୍ରକାଶ କରିବେ । ଗତ ଡିସେମ୍ବର ୩୧ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ଆଜିଠାରୁ ଆସନ୍ତା ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ ଉପରେ ଦାବି ଏବଂ ଆପତ୍ତି ଗ୍ରହଣ କରିବାର ସମୟ ଧାର୍ଯ୍ୟ ହୋଇଥିବା ଉତ୍ତରପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ନବଦୀପ ରିନ୍ୱା ସୂଚନା ଦେଇଛନ୍ତ ।

## ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାପକୁ ଦୂର କରିବା ପାଇଁ ସାଇକୋ ସୋସିଆଲ୍ କାଉନ୍‌ସେଲିଂ ସପୋର୍ଟ ବ୍ୟବସ୍ଥା ଆଜିଠାରୁ ଆରମ୍ଭ କରିଛି । ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ସାଇକୋ ସୋସିଆଲ୍ କାଉନ୍‌ସେଲିଂ ସେବାର ପ୍ରଥମ ପର୍ଯ୍ୟାୟ ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ମାନସିକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ । ଏହି ସେବାର ସୁବିଧା ପାଇବା ପାଇଁ

ଛାତ୍ରଛାତ୍ରୀମାନେ ଟୋଲ୍ ଫ୍ରି ନମ୍ବର ୧୮୦୦-୧୧-୮୦୦୪କୁ ଡାଏଲ୍ କରିପାରିବେ । ସେମାନଙ୍କୁ ଇଣ୍ଟେରାକ୍ଟିଭ୍ ଭଏସ୍ ରେସ୍‌ପନ୍ସ ସିଷ୍ଟମ୍ ମାଧ୍ୟମରେ ହିନ୍ଦୀ ଏବଂ ଇଂରାଜୀରେ ଦିବାରାତ୍ର ସହାୟତା ଯୋଗାଇ ଦିଆଯିବ ବୋଲି ବୋର୍ଡ ସୂଚନା ଦେଇଛି ।

---

## ଇରାନ ଆଡ୍‌ଭାଇଜରୀ

ଇରାନରେ ଆଇନଶୃଙ୍ଖଳା ପରିସ୍ଥିତିରେ  ଅବନତି ଦେଖାଦେଇଥିବା ଦୃଷ୍ଟିରୁ  ସେଠାରେ ରହୁଥିବା ଏବଂ  ଯାତ୍ରା କରିବାକୁ ଥିବା ଭାରତୀୟଙ୍କ ଲାଗି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ବିଶେଷ ଆବଶ୍ୟକତା ନଥିଲେ ଇରାନକୁ ଯାତ୍ରା କରିବାକୁ ବର୍ତ୍ତମାନ ବାରଣ କରାଯାଇଛି । ଅନ୍ୟପକ୍ଷରେ ଆନ୍ଦୋଳନ ହେଉଥିବା ସ୍ଥାନଗୁଡ଼ିକୁ ନ ଯିବା ଲାଗି ସେଠାରେ ବସବାସ କରୁଥିବା ଭାରତୀୟଙ୍କୁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି। ତେହେରାନ୍‌ସ୍ଥିତ ଭାରତୀୟ ଦୂତାବାସର ୱେବ୍‌ସାଇଟ୍ ଏବଂ ସାମାଜିକ ଗଣମାଧ୍ୟମ ସହିତ ଯୋଗାଯୋଗରେ ରହିବା ଲାଗି ସେଠାରେ ରହୁଥିବା ଭାରତୀୟଙ୍କୁ କୁହାଯାଇଛି ।

---

## ଜୟଶଙ୍କର-ଆଇଇଏ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ପ୍ୟାରିସ୍‌ଠାରେ ଆନ୍ତର୍ଜାତିକ ଶକ୍ତି ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଫାତି ବିରୋଲ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ବିଶ୍ୱସ୍ତରରେ ବିଶ୍ୱ ଶକ୍ତିକ୍ଷେତ୍ର ଏବଂ ଭାରତର ଏହି କ୍ଷେତ୍ରର ଅଭିବୃଦ୍ଧି ସଂପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିବା ଜଣାଯାଇଛି । ଡକ୍ଟର ଜୟଶଙ୍କରଙ୍କ ୟୁରୋପ

ଗସ୍ତ ଅବସରରେ ସେ ଭାଗିଦାରୀ ଦେଶଗୁଡ଼ିକ ସହ ଭାରତର ସାଂସ୍କୃତିକ ସଂପର୍କ ଉପରେ ଆଲୋକପାତ କରିଛନ୍ତି । ଗତ ୪ ତାରିଖରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଡକ୍ଟର ଜୟଶଙ୍କର ୬ ଦିନିଆ ଫ୍ରାନ୍ସ ଓ ଲଗ୍‌ଜେମ୍‌ବର୍ଗ ଗସ୍ତରେ ଯାଇଛନ୍ତି । ଏହି ଦୁଇ ଦେଶ ସହିତ ଭାରତର ଦ୍ୱିପୀୟ ସଂପର୍କକୁ ସଶକ୍ତ କରିବା ହେଉଛି ତାଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ଫ୍ରାନ୍ସ ପ୍ରତିପକ୍ଷ ଜିଙ୍ଗ୍ ନୋଏଲ୍ ବ୍ୟାରଟ୍‌ଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏତଦ୍‌ବ୍ୟତୀତ ପ୍ୟାରିସ୍‌ଠାରେ ସେ ଫ୍ରାନ୍ସ ରାଷ୍ଟ୍ରଦୂତ ସମ୍ମିଳନୀର ୩୧ତମ ସଂସ୍କରଣରେ ମଧ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ ।

---

## ଶାହା-ସିଏସ୍ଆର୍

ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀଠାରେ ପୁଷ୍ଟିକର ଖାଦ୍ୟ ସୁରକ୍ଷା ଏବଂ ଅପପୁଷ୍ଟି  ନିବାରଣ ଦିଗରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଭୂମିକା ସଂପର୍କିତ ଏକ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଶିଶୁଙ୍କ ମଧ୍ୟରେ ଦେଖାଯାଉଥିବା ଅପପୁଷ୍ଟି ବିରୁଦ୍ଧରେ ଏକ ସମାବେଶୀ ତଥା ସ୍ଥାୟୀ ରଣନୀତି ପ୍ରସ୍ତୁତ କରିବା ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ । ବିଜ୍ଞାନ ଭବନଠାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଦ୍ୱାରା ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ଅବସରରେ କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଶାହା ଭିଲାଇ ଇସ୍ପାତ କାରଖାନାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ -ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ ଗିଫ୍‌ଟ ମିଲ୍‌କର ଶୁଭାରମ୍ଭ କରିବେ । ଏହାଦ୍ୱାରା ଏହି ଇସ୍ପାତ କାରଖାନାର ଖଣି ଅଞ୍ଚଳ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରାୟ ୪ ହଜାର ଶିକ୍ଷାର୍ଥୀ

ଉପକୃତ ହୋଇପାରିବେ । ଏତଦ୍‌ବ୍ୟତୀତ ଶ୍ରୀ ଶାହା ଆଇଡିବିଆଇ ବ୍ୟାଙ୍କର ସିଏସ୍‌ଆର୍  ଅଧୀନରେ ଶିଶୁ ସଂଜୀବନୀ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । ଏହାଦ୍ୱାରା ମହାରାଷ୍ଟ୍ରର ନାଗପୁର ଜିଲ୍ଲା ଅନ୍ତର୍ଗତ ଗ୍ରାମୀଣ ଅଞ୍ଚଳରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନରତ ପ୍ରାୟ ୩ ହଜାର ଶିଶୁ ଉପକୃତ ହୋଇପାରିବେ ।

---

## ମାଡ୍ରାସ୍ ହାଇକୋର୍ଟ

ତାମିଲନାଡୁର ଥିରୁପରଂକୁନ୍ଦ୍ର ପାହାଡ଼ରେ ଦୀପାଥୁନ୍ ନାମକ ରହିଥିବା ଦୀପ ଜଳାଇବାକୁ ପୂର୍ବରୁ ଅନୁମତି ଦେଇଥିବା ମାଡ୍ରାସ୍ ହାଇକୋର୍ଟର ଏକକ ବିଚାରପତିଙ୍କ ଆଦେଶକୁ ଆଜି ମଦୁରାଇ ଡିଭିଜନ ବେଞ୍ଚ କାଏମ ରଖିଛନ୍ତି । ଜଷ୍ଟିସ୍ ଜି.ଜୟଚନ୍ଦ୍ରନ୍ ଏବଂ ଜଷ୍ଟିସ୍ କେ.କେ. ରାମକୃଷ୍ଣନଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୀପାଥୁନ୍ ରହିଥିବା ସ୍ଥାନଟି ଭଗବାନ ସୁବ୍ରମଣ୍ୟମ୍ ସ୍ୱାମୀ ମନ୍ଦିରର ବୋଲି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଏଠାରେ ଦୀପ ଜଳିବା ନିତାନ୍ତ ଆବଶ୍ୟକ ଏବଂ ଦୀପ ଜଳାଇବା  ମନ୍ଦିର ପ୍ରଶାସନର କର୍ତ୍ତବ୍ୟ ବୋଲି ଡିଭିଜନ ବେଞ୍ଚ୍ କହିଥିବା ଆବେଦନକାରୀ ତଥା ହିନ୍ଦୁ ମୁନାନିଙ୍କ ଓକିଲ ନିରଞ୍ଜନ ଏସ୍.କୁମାର କହିଛନ୍ତି ।

---

## ଜାପାନ-ଆର୍ଥକ୍ୱେକ୍

ଜାପାନର ପୂର୍ବାଞ୍ଚଳରେ ଆଜି ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ହେଲେ ସୁନାମୀର ଆଶଙ୍କା ନାହିଁ ବୋଲି  ଜାପାନ ପାଣିପାଗ ଏଜେନ୍ସୀ ପକ୍ଷରୁ କୁହାଯାଇଛି । ଉତ୍ତର-ପଶ୍ଚିମ ଜାପାନର ସୀମାନେ ଠାରେ ଅନୁଭୂତ ହୋଇଥିବା ଏହି ଭୂକମ୍ପର ତୀବ୍ରତା ଥିଲା ୬ ଦଶମିକ ୨ । ଏଜେନ୍ସୀ ପକ୍ଷରୁ କୁହାଯାଇଛି ଯେ ଏହି ଭୂକମ୍ପ ଫଳରେ ସୁନାମୀର କୌଣସି ଆଶଙ୍କା

ନଥିବା ବେଳେ କ୍ଷୟକ୍ଷତି ସଂପର୍କରେ ସବିଶେଷ ସୂଚନା ମିଳିନାହିଁ । ସୀମାନେ ଆଣବିକ ଶକ୍ତି କେନ୍ଦ୍ରରେ କୌଣସି ଅସ୍ୱାଭାବିକତା ମଧ୍ୟ ଦେଖାଯାଇ ନାହିଁ ବୋଲି ଆଣବିକ ନିୟନ୍ତ୍ରଣ କର୍ତ୍ତୃପକ୍ଷ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଛି ।

## ଦିଲ୍ଲୀ-ଫାୟାର

ଦିଲ୍ଲୀର ଆଦର୍ଶନଗରସ୍ଥିତ ଡି.ଏମ୍.ଆର୍.ସି. କ୍ୱାଟର୍ସରେ ଆଜି ପ୍ରାତଃ ସମୟରେ ଅଗ୍ନିକାଣ୍ଡ ହେବାରୁ ଏକ ଦମ୍ପତି ଓ ତାଙ୍କର ୧୦ବର୍ଷର ଝିଅ ପ୍ରାଣ ହରାଇଛନ୍ତି । କୋଠାର ପଞ୍ଚମ ମହଲାରେ ଅଗ୍ନିକାଣ୍ଡ ଘଟିବା ପରେ ଅଗ୍ନିଶମ ବାହିନୀ ସଂପୃକ୍ତ ସ୍ଥାନରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

## ସୁରେଶ କାଲ୍‌ମାଡ଼ି-ଡାଏଡ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁରେଶ କାଲମାଡ଼ିଙ୍କର ଆଜି ପୁଣେଠାରେ ପରଲୋକ ଘଟିଛି । ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ସେ ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍‌ର ସଭାପତି ମଧ୍ୟ ଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହରାଓଙ୍କ ଶାସନ ସମୟରେ ସେ ରେଳ ରାଷ୍ଟ୍ରମନ୍ତ୍ରୀ ଥିଲେ । ଜଣେ ଅଭିଜ୍ଞ ରାଜନେତା ଭାବରେ ଶ୍ରୀ କାଲମାଡ଼ି  ପୁଣେ ସହରରୁ ସାଂସଦ ଭାବେ ଏକାଧିକ ଥର ପ୍ରତିନିଧିତ୍ୱ କରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦାୟିତ୍ୱ ନିର୍ବାହ କରିଛନ୍ତି ।

## ଭେନେଜୁଏଲା

ଭେନେଜୁଏଲା ଉପରାଷ୍ଟ୍ରପତି ଡେଲ୍‌ସି ରୁଡ୍ରିଗେଜ୍ ଦେଶର ଅନ୍ତରୀଣ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି । ନ୍ୟାଶନାଲ୍ ଆସେମ୍ବ୍ଲି

ନେତା ତଥା ତାଙ୍କ ଭାଇ ଜର୍ଜ ରୁଡ୍ରିଗେଜ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ନିକୋଲାସ୍ ମାଦୁରୋଙ୍କ ସରକାରରେ ୨୦୧୮ ମସିହାରୁ ସେ ଉପରାଷ୍ଟ୍ରପତି ରହି ଆସିଥିଲେ । ସେ ମଧ୍ୟ ଭେନେଜୁଏଲାର ତୈଳ ଆତ୍ମନିର୍ଭର ଅର୍ଥନୀତି ତଥା ଏହାର ଗୁଇନ୍ଦା ବିଭାଗ ଦାୟିତ୍ୱରେ ଥିଲେ । ୨୦୧୪ରୁ ୨୦୧୭ ମଧ୍ୟରେ ସେ ମଧ୍ୟ ଦେଶର ବୈଦେଶିକ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ।

ସୂଚନାଯୋଗ୍ୟ, ଜାନୁଆରୀ ୨ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକା ସେନା ଭେନେଜୁଏଲା ଉପରେ ଆକ୍ରମଣ କରିବା ସହ ରାଷ୍ଟ୍ରପତି ଥିବା ନିକୋଲାସ୍ ମାଦୁରୋ ଓ ତାଙ୍କ ସହଧର୍ମିଣୀଙ୍କୁ ଉଠାଇ ନେଇଥିଲେ ।

## କୁହୁଡ଼ି-ଟ୍ରେନ୍

ସାରା ଭାରତରେ ଶୀତର ପ୍ରକୋପ ଜାରି ରହିଛି । ଦେଶର ଅନେକ ସ୍ଥାନରେ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା ଫଳରେ ରେଳସେବା ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀ ଯାଉଥିବା ୭୦ରୁ ଅଧିକ ଟ୍ରେନ୍ ଆଜି ବିଳମ୍ବରେ ଚାଲୁଥିବା ନେଇ ଭାରତୀୟ ରେଳବାଇ ସୂଚନା ଦେଇଛି ।

## ବ୍ୟାଡମିଣ୍ଟନ

ମ୍ୟାଲେସିଆ ଓପନ୍ ୨୦୨୬ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇଥରର ଅଲମ୍ପିକ୍ ବିଜେତା ପି.ଭି. ସିନ୍ଧୁ ଆଜି ନିଜର ଅଭିଯାନ ଆରମ୍ଭ କରିବେ । କ୍ୱାଲାଲାମ୍ପୁରସ୍ଥିତ ଆଗ୍‌ଜିଆଟା ଆରେନା ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।